# NATIONAL NEWS BULLETIN (ODIA)
## 28 September - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଏବଂ ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଚାର କାର୍ଯ୍ୟ ଜୋରଦାର ।

– ଆଜି ଜାମ୍ମୁରେ ଏକ ର୍‍ୟାଲିକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ମନ୍ କି ବାତ୍‌ର ୧୧୪ତମ ସଂସ୍କରଣରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ୬ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଲାଗି ନିଷ୍ପତ୍ତି ।
- ନେପାଳରେ ୧୨ଟି ବିକାଶ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ।

ଏବଂ

- କାନ୍‌ପୁର ଟେଷ୍ଟର ଆଜି ଦ୍ୱିତୀୟ ଦିନରେ ୧୦୭ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ବାଂଲାଦେଶ ।

# ଜାମ୍ମୁ କାଶ୍ମୀର-ହରିଆଣା ନିର୍ବାଚନ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଏବଂ ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ରାଜନୈତିକ ଦଳ ଗୁଡ଼ିକ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି । ଜାମ୍ମୁ କାଶ୍ମୀରରେ ଅନ୍ତିମ ପର୍ଯ୍ୟାୟରେ ୪୦ଟି ବିଧାନସଭା ଆସନ ନିମନ୍ତେ ଅକ୍ଟୋବର ୧ ତାରିଖରେ ଭୋଟ୍ ଗ୍ରହଣ ହେବ । ବିଭିନ୍ନ ରାଜନୈତିକ ଦଳର ନେତାମାନେ ମତଦାତାମାନଙ୍କୁ ସେମାନଙ୍କ ସପକ୍ଷରେ ଭୋଟ୍ ଦେବା ଲାଗି ର୍‍ୟାଲି ଏବଂ ରୋଡ୍ ଶୋ' ଆୟୋଜନ କରୁଛନ୍ତି । ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜାମ୍ମୁରେ ଏକ ର୍‍ୟାଲିକୁ ସମ୍ବୋଧନ କରିବେ । କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ମଧ୍ୟ ଆଜି ର୍‍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

ଇତିମଧ୍ୟରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଗତକାଲି ଜାମ୍ମୁର କଠୁଆ ଠାରେ ଏକ ର୍‍ୟାଲିକୁ ସମ୍ବୋଧିତ କରି କେନ୍ଦ୍ର ଶାସିତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ବିଧାନସଭା ନିର୍ବାଚନକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଲୋକମାନେ ଏବେ ଶାନ୍ତି ଓ ବିକାଶ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛନ୍ତି । ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନଡ୍ଡା କହିଛନ୍ତି, କାଶ୍ମୀର ଯୁବପିଢ଼ି ଆତଙ୍କବାଦ ଏବଂ ହିଂସାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ମୁଖ୍ୟ ଧାରାରେ ସାମିଲ ହୋଇଛନ୍ତି ।

ହରିଆଣାରେ ୯୦ ଆସନ ବିଶିଷ୍ଟ ବିଧାନସଭା ନିମନ୍ତେ ଅକ୍ଟୋବର ୫ ତାରିଖରେ ମତଦାନ ହେବ । ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଅମ୍ବାଲା, କୁରୁକ୍ଷେତ୍ର ଏବଂ ରେବାରିରେ ଜନସଭାକୁ ସମ୍ବୋଧିତ କରିଥିଲେ । ସେହିପରି କଂଗ୍ରେସ ନେତ୍ରୀ କୁମାରୀ ଶୈଳଜା ମଧ୍ୟ କେତେକ ଜନସଭାକୁ ସମ୍ବୋଧିତ କରିଥିଲେ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୪ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ଭାରତ ସ୍ୱାସ୍ଥ୍ୟ ଜାତିସଂଘ

ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ମହାସଭାର ୭୯ତମ ଅଧିବେଶନରେ **G-20** ଉଚ୍ଚସ୍ତରୀୟ ବୈଠକରେ ଭାରତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ଲାଗି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛି । ସେହି ଅଧିବେଶନରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ଉପରେ ପ୍ରାଥମିକତା ଦିଆଯାଇଥିଲା । କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ମୁଖ୍ୟ ବକ୍ତା ଭାବେ ଭାଗ ନେବା ସହ ସ୍ୱାସ୍ଥ୍ୟ ନିବେଶ ପ୍ରାଥମିକତା ଗୁଡ଼ିକୁ ସମର୍ଥନ କରିଥିଲେ । ସେ କହିଥିଲେ, ଆଗାମୀ ଦିନରେ ସ୍ୱାସ୍ଥ୍ୟର ଜରୁରୀକାଳୀନ ସ୍ଥିତିର ପ୍ରଭାବ ଏବଂ ତତ୍‌ସଂପର୍କିତ ଆର୍ଥିକ ବୋଝ କମ୍ କରିବା ନିମନ୍ତେ ସ୍ୱାସ୍ଥ୍ୟ ଏବଂ ଅର୍ଥ ବିଭାଗ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଉପରେ ମତ ଉପସ୍ଥାପନ କରିଥିଲେ ।

ଶ୍ରୀମତୀ ପଟେଲ କହିଥିଲେ, ବାସସ୍ଥଳୀ, ସ୍ୱଚ୍ଛତା, ଜଳର ଉପଲବ୍ଧତା ଏବଂ ଆୟ ସୁରକ୍ଷା ଭଳି ମୁଖ୍ୟ ପ୍ରସଙ୍ଗ ଗୁଡ଼ିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବ । ଭାରତୀୟ ପ୍ରତିନିଧି ମଣ୍ଡଳୀ ଆୟୁଷ୍ମାନ୍ ଭାରତ, ସ୍ୱଚ୍ଛ ଭାରତ ମିଶନ୍, ଜଳଜୀବନ ମିଶନ୍ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ପ୍ରମୁଖ ଯୋଜନା ଉପରେ ଆଲୋଚନା କରିଥିଲେ । ଏହି ଯୋଜନା ଗୁଡ଼ିକ ଭାରତରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଛି ବୋଲି ମତପ୍ରକାଶ ପାଇଥିଲଶ ।

## ସ୍ୱତନ୍ତ୍ର ରେଳଗାଡ଼ି

ଆଗାମୀ ଦୁର୍ଗାପୂଜା, ଦୀପାବଳୀ ଏବଂ ଛଟ୍‌ପୂଜାକୁ ଦୃଷ୍ଟିରେ ରଖି ଅକ୍ଟୋବର ୧ରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ରେଳ ବିଭାଗ ପକ୍ଷରୁ ୬ ହଜାରରୁ ଅଧିକ ସ୍ୱତନ୍ତ୍ର ରେଳଗାଡ଼ି ଚଳାଇବା ପାଇଁ ନିଷ୍ପତ୍ତି ହୋଇଛି । ପ୍ରତ୍ୟେକ ବର୍ଷ ଯାତ୍ରୀମାନଙ୍କ ଯାତ୍ରାକୁ ସୁଗମ କରିବା ଲାଗି ପର୍ବପର୍ବାଣୀ ସମୟରେ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଥାଏ । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବୃଦ୍ଧି କରାଯାଇଛି । ଗତବର୍ଷ ଏହି ସମୟରେ ୪ହଜାର ୪୨୯ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା ।

## ନେପାଳ-ଭାରତ

କାଠମାଣ୍ଡୁ ସ୍ଥିତ ଭାରତୀୟ ଦୂତାବାସ ଠାରେ ନେପାଳରେ ୧୨ଟି ବିକାଶ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଭାରତ ସରକାରଙ୍କ ଅନୁଦାନରେ ୪୭୪ ମିଲିୟନ୍ ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ଗୁଡ଼ିକ ଆରମ୍ଭ କରାଯିବ । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଏବଂ ସାଂସ୍କୃତିକ ଭିତ୍ତିଭୂମି ସମ୍ପର୍କିତ ପ୍ରକଳ୍ପ ରହିଛି । ୧୨ଟି ପ୍ରକଳ୍ପ ମଧ୍ୟରେ ଓଖଲଢୁଙ୍ଗା, ଦୈଲେଖ, ସପ୍ତରି, ମୋରଙ୍ଗ, ଚିତ୍ତବନ ଏବଂ ସୁନସାରିରେ ବିଦ୍ୟାଳୟ ଭବନ ନିର୍ମାଣ କରାଯିବ । ସେହିପରି ଭୋଜପୁରରେ ଏକ ବହୁଦେଶୀୟ ସଂସ୍ଥାନ ନିର୍ମାଣ

କରାଯିବାକୁ ଥିବା ବେଳେ ସୋଲୁଖୁମ୍ବୁ ଠାରେ ଜଳ ପ୍ରକଳ୍ପ, ବାଜୁରାରେ ଖାଦ୍ୟଶସ୍ୟ ସଂଗ୍ରହ ଓ ବିତରଣ କେନ୍ଦ୍ର  ଏବଂ ଧାଡ଼୍ଙ୍ଗରେ ଚକ୍ଷୁ ଚିକିତ୍ସାଳୟ, ଡାଙ୍ଗରେ ଅପରେସନ ଥିଏଟର ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି ।

ଏହି ପ୍ରକଳ୍ପ ଗୁଡ଼ିକ ନିର୍ମାଣ ହେଲେ ସେଠାକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି ଉତ୍ପାଦନ ସଂରକ୍ଷଣ ଏବଂ ସାଂସ୍କୃତିକ ସୁବିଧା ମିଳିପାରିବ । ୨୦୦୩ ପରେ ଭାରତ ସରକାର ନେପାଳରେ ୫୬୩ଟିରୁ ଅଧିକ ବହୁମୂଲ୍ୟ ବିକାଶ ପ୍ରକଳ୍ପ ଆରମ୍ଭ କରିଛନ୍ତି । ସେଥିମଧ୍ୟରୁ ୧୨ଟି ପ୍ରକଳ୍ପ ନିମନ୍ତେ ଗତକାଲି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଇତିମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, ପୋଲ, ପାନୀୟ ଜଳ ଭଳି ୪୯୦ଟି ପ୍ରକଳ୍ପ ଶେଷ ହୋଇଥିବା ଜଣାପଡ଼ିଛି ।

## ଦୁର୍ଘଟଣା

ଉତ୍ତର ପ୍ରଦେଶରୁ ପୁରୀ ଆସୁଥିବା ଏକ ଯାତ୍ରୀବାହୀ ବସ୍ ବାଲେଶ୍ୱର-ଜଳେଶ୍ୱର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି । ଜାତୀୟ ରାଜପଥ ୧୬ରେ ଆଜି ଭୋରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ ୧୬ ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି ।

# ଇସ୍ରାଏଲ୍-ଲେବାନନ

ଇସ୍ରାଏଲ୍ ଲେବାନନ୍‌ର ରାଜଧାନୀ ବେରୁଟ୍‌ରେ ହିଜବୁଲ୍ଲାର କେନ୍ଦ୍ରୀୟ ମୁଖ୍ୟାଳୟକୁ ଲକ୍ଷ୍ୟ କରି ଆକାଶମାର୍ଗରୁ ଆକ୍ରମଣ ଆରମ୍ଭ କରିଛି । ଲେବାନନ୍‌ର ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ସହରର ଦକ୍ଷିଣରେ ଥିବା ହିଜବୁଲ୍ଲାର ଗଡ଼ କୁହାଯାଉଥିବା ଦାହିହରେ ଇସ୍ରାଏଲ୍ ଆକ୍ରମଣ ଫଳରେ ଅନେକ ଗୁଡ଼ିଏ କୋଠା ନଷ୍ଟ ହୋଇଥିବା ବେଳେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଓ ୭୬ ଜଣା ଆହତ ହୋଇଛନ୍ତି । ଜାତିସଂଘରେ  ଏକ ଉଦ୍‌ବୋଧନରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁ ହିଜ୍‌ବୁଲ୍ଲାକୁ ପରାସ୍ତ କରିବା ବିଷୟ କହିବା ପରେ ଏହି ଆକ୍ରମଣ ହୋଇଛି । ଇସ୍ରାଏଲ୍ ସେନା କହିଛି, ଯେଉଁ ମୁଖ୍ୟାଳୟ ଉପରେ ଆକ୍ରମଣ କରାଯାଇଥିଲା ତାହା ଆବାସିକ ସ୍ଥଳୀର ତଳ ମହଲାରେ ଥିଲା । ଇସ୍ରାଏଲ୍ ଏବଂ ଆମେରିକା ଗଣମାଧ୍ୟମ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ହିଜବୁଲ୍ଲାର ନେତା ହସନ ନସରଲାହକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା । ତେବେ ନସରଲାହ ଘଟଣା ସ୍ଥଳରେ ଥିଲା କି ନାହିଁ ସେ ସମ୍ପର୍କରେ ହିଜବୁଲ୍ଲା ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ ।

ଇରାନ୍‌ର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲୀ ଖୋମିନ୍‌ଙ୍କ ପରାମର୍ଶଦାତା ଅଲୀ ଲାରିଜାନୀ ସେଠାକାର ଏକ ଟିଭି ଚ୍ୟାନେଲ୍‌ରେ କହିଛନ୍ତି, ଇସ୍ରାଏଲ୍ ତେହେରାନ୍ ସୀମା ଅତିକ୍ରମ କରିବାକୁ ଚେଷ୍ଟା କରୁଛି । ଲେବାନନ୍‌ର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ନଜିବ୍ ମିକାତି କହିଛନ୍ତି, ଆମେରିକା ଦ୍ୱାରା ଦିଆଯାଇଥିବା ଅସ୍ତ୍ରବିରତି ପ୍ରସ୍ତାବକୁ ଇସ୍ରାଏଲ୍ ସମ୍ମାନ

ଦେଉନାହିଁ । ଜାତିସଂଘ ସୂଚନା ଅନୁଯାୟୀ ଗତ ସୋମବାର ସୁଦ୍ଧା ଲେବାନନ୍‌ରେ ପ୍ରାୟ ୯୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି ।

## ଆମେରିକା ସୈନ୍ୟ ମିଶନ୍

ଇରାକ୍‌ରେ ଇସ୍‌ଲାମିକ୍ ରାଷ୍ଟ୍ର ସମୂହ ବିରୋଧରେ ଆମେରିକା ନୀତି ଉପରେ ଚାଲିଥିବା ସୈନ୍ୟ ଅଭିଯାନକୁ ଆସନ୍ତାବର୍ଷ ସୁଦ୍ଧା ଶେଷ କରିବା ଲାଗି ଆମେରିକା ଇରାକ୍ ସରକାରଙ୍କ ସହ ବୁଝାମଣା କରିଛନ୍ତି । ସମ୍ବାଦଦାତାମାନଙ୍କ ସହ କଥାବାର୍ତ୍ତା ବେଳେ ଆମେରିକୀୟ ଅଧିକାରୀ କହିଛନ୍ତି, ଏହି ବୁଝାମଣା ଅନୁଯାୟୀ ଇରାକ୍‌କୁ ଦୁଇଟି ପର୍ଯ୍ୟାୟରେ ସୈନ୍ୟମାନଙ୍କୁ ଫେରାଇ ଦିଆଯିବ । ଏହି ପ୍ରକ୍ରିୟା ଚଳିତ ମାସରୁ ଆରମ୍ଭ ହେବ ।

ଇରାକ୍‌ର ସରକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପରେ ଆମେରିକୀୟ ସେନା ପଶ୍ଚିମ ଇରାକ୍‌ର ଏମ୍-ଅଲ୍-ଅସଦ ଏୟାର୍ ବେସ୍ ଏବଂ ବାଗଦାଦ୍ ଆନ୍ତର୍ଜାତିକ ବିମାନ ବନ୍ଦରରୁ  ପ୍ରସ୍ଥାନ କରିବା ଆରମ୍ଭ କରିବ । ସେମାନଙ୍କୁ ଉତ୍ତର ଇରାକ୍‌ର ଅନ୍ୟ ଏକ ଏୟାର୍‌ବେଶ୍‌କୁ ନିଆଯିବ ଇରାକ୍ ଅଧିକାରୀ ଏକଥା ମଧ୍ୟ କହିଛନ୍ତି, ୨୦୨୬ ପରେ ଆମେରିକୀୟ ସେନା ହରେର ଏୟାର୍‌ବେଶ୍‌ରେ ରହିପାରିବେ ଏବଂ କୁର୍ଦ୍ଦିସ୍ତାନର ଆଞ୍ଚଳିକ ସରକାର ଏକଥା ଚାହୁଁଛନ୍ତି ।

# ଆଫ୍ରିକା-ମଙ୍କିପକ୍ସ

ଆଫ୍ରିକାରେ ରୋଗ ନିୟନ୍ତ୍ରଣ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ଆରମ୍ଭରୁ ଏ ପର୍ଯ୍ୟନ୍ତ ୩୨ ହଜାର ୪୦୭ଟି ମଙ୍କିପକ୍ସ ସଂକ୍ରମଣ ମାମଲା ଚିହ୍ନଟ ହୋଇଛି । ସେମାନଙ୍କ ମଧ୍ୟରେ ୪ହଜାର ୪୪୧ ଜଣ ମଙ୍କିପକ୍ସରେ ସଂକ୍ରମିତ ହୋଇଥିବା ବେଳେ ୮୪୦ ଜଣଙ୍କର ମୃତ୍ୟୁ ଘଟିଛି । ବିଶ୍ୱର ଅନେକ ଦେଶରେ ମଙ୍କିପକ୍ସର ଭୟାବହତା ନେଇ ଏକ ଅନ୍‌ଲାଇନ୍ ସାମ୍ବାଦିକ ସମ୍ମିଳନୀରେ ଆଫ୍ରିକାର ରୋଗ ନିୟନ୍ତ୍ରଣ ବିଭାଗର ମହାନିର୍ଦ୍ଦେଶକ ଜିନ୍ କାଶିୟା କହିଛନ୍ତି, କେବଳ ଆଫ୍ରିକା ମହାଦ୍ୱୀପରେ ଗତ ସପ୍ତାହରେ ୨ହଜାର ୯୧୦ଟି ମଙ୍କି ପକ୍ସ ସନ୍ଦିଗ୍ଧ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୩୬ ଜଣ ମଙ୍କିପକ୍ସ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛି ଏବଂ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି ।

ସେ କହିଛନ୍ତି, ଆଫ୍ରିକା ସମେତ ଅନ୍ୟ ପ୍ରଭାବିତ ଦେଶ ଗୁଡ଼ିକରେ ମଙ୍କିପକ୍ସ ସଂକ୍ରମଣ ମାମଲା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଶ୍ରୀ ଫାଶିୟା କହିଛନ୍ତି, ବିଭିନ୍ନ କାରଣ ଯୋଗୁଁ ସେଠାରେ ମଙ୍କିପକ୍ସ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତ ମାସରେ ସେଠାକାର ରୋଗ ନିୟନ୍ତ୍ରଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସୁରକ୍ଷା ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଙ୍କିପକ୍ସ ସଂକ୍ରମଣକୁ ସାର୍ବଜନିନ ଜରୁରୀକାଳୀନ ସ୍ୱାସ୍ଥ୍ୟ ପରିସ୍ଥିତି ଘୋଷଣା କରିଥିଲା ।

# ଭାରତ-ବାଂଲାଦେଶ ଟେଷ୍ଟ ମ୍ୟାଚ୍

କାନପୁରରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ବାଂଲାଦେଶ ପ୍ରଥମ ଇନିଂସରେ କରିଥିବା ତିନି ୱିକେଟ୍ ବିନିମୟରେ ୧୦୭ରନ୍ ସ୍କୋରରୁ ଖେଳ ଆରମ୍ଭ କରିବ । ଗତକାଲି ପ୍ରବଳ ବର୍ଷା ଯୋଗୁଁ ଅପରାହ୍ଣ ପରେ ଖେଳ ବନ୍ଦ ରହିଥିଲା । ବାଂଲାଦେଶର ମୋମିନୁଲ୍ ହକ୍ ୪୦ ଏବଂ ମୁସ୍‌ଫିକୁର୍ ରହିମ୍ ୬ ରନ୍ କରି କ୍ରିଜ୍‌ରେ ଅଛନ୍ତି । ଗତକାଲି ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ସୂଚନା ଯୋଗ୍ୟ ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୮୦ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।